ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ : ନବରଙ୍ଗପୁର
(ଭୂ-ଅର୍ଜନ ଉପବିଭାଗ)

ପତ୍ର ସଂଖ୍ୟା: 74 /LAC No.01/2019 ତା ୨୮.୦୬.୨୦୨୦ ରିଖ ।

**ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ବିବରଣୀ ପ୍ରତି ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳଙ୍କ ସୁଚିନ୍ତିତ ମୂଲ୍ୟାୟନ ଓ ସୁପାରିଶ ରିପୋର୍ଟ ର ବିଜ୍ଞପ୍ତି**

ଏତଦ୍ୱାରା ନବରଙ୍ଗପୁର ଜିଲ୍ଲାର ନବରଙ୍ଗପୁର ପୌରପାଳିକା ଅନ୍ତର୍ଗତ ୱାର୍ଡ ନଂ ୧୬ ଅନ୍ତର୍ଗତ ନବରଙ୍ଗପୁର-ରଜୋଡା-କୋଷାଗୁମୁଡା ରାସ୍ତା ଉନ୍ନତି ନିମନ୍ତେ ଜମି ଅଧିଗ୍ରହଣ ପ୍ରସ୍ତାବ ସମ୍ବନ୍ଧରେ ହୋଇଥିବା ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ବିବରଣୀ ପ୍ରତି ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳଙ୍କ ସୁଚିନ୍ତିତ ମୂଲ୍ୟାୟନ ଓ ସୁପାରିଶ ରିପୋର୍ଟ ଭୂମି ଅଧିଗ୍ରହଣ, ଥଇଥାନ ଏବଂ ପୁନଃବସତିରେ କ୍ଷତିପୂରଣ ଏବଂ ସ୍ୱଚ୍ଛତା ପ୍ରତି ଅଧିକାର ଆଇନ-୨୦୧୩ ର ଧାରା ୭ ଉପଧାରା ୬ ଅନୁସାରେ ସର୍ବ ସାଧାରଣଙ୍କ ଅବଗତି ଓ ବିଧିକାର୍ଯ୍ୟ ନିମନ୍ତେ ପ୍ରକାଶନ କରାଗଲା ।

ସୁପାରିଶ ରିପୋର୍ଟ ନବରଙ୍ଗପୁର ପୌରପାଳିକା କାର୍ଯ୍ୟାଳୟ / ନବରଙ୍ଗପୁର ତହସିଲ କାର୍ଯ୍ୟାଳୟ / ଉପଜିଲ୍ଲାପାଳ, ନବରଙ୍ଗପୁରଙ୍କ କାର୍ଯ୍ୟାଳୟ / ଜିଲ୍ଲାପାଳ, ନବରଙ୍ଗପୁରଙ୍କ କାର୍ଯ୍ୟାଳୟ ରେ ଉପଲବ୍ଧ ହେବ ।

ଭୂ-ଅର୍ଜନ ଅଧିକାରୀ, ନବରଙ୍ଗପୁର

ପରିପତ୍ର ସଂଖ୍ୟା: 75 /୨୦୨୦ ତା ୨୫.୦୬.୨୦୨୦ ରିଖ

ଏହାର ଏକକିତା ନକଲ ସମ୍ପୃକ୍ତ ୱାର୍ଡରେ ଜାରି କରାଯିବାକୁ ପ୍ରେରଣ କରାଗଲା ।

ଭୂ-ଅର୍ଜନ ଅଧିକାରୀ, ନବରଙ୍ଗପୁର

ପରିପତ୍ର ସଂଖ୍ୟା: 76 /୨୦୨୦ ତା ୨୫.୦୬.୨୦୨୦ ରିଖ

ଏହାର ଏକକିତା ନକଲ ସାମାଜିକ ପ୍ରଭାବ ଆକଳନ ବିବରଣୀ ସହ କାର୍ଯ୍ୟନିର୍ବାହୀ ଅଧିକାରୀ, ପୌରପାଳିକା, ନବରଙ୍ଗପୁରଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣା କରାଗଲା ।

ଭୂ-ଅର୍ଜନ ଅଧିକାରୀ, ନବରଙ୍ଗପୁର

ପରିପତ୍ର ସଂଖ୍ୟା: ୭୭ /୨୦୨୦ ତା .୦୬.୨୦୨୦ ରିଖ

ଏହାର ଏକକିତା ନକଲ ଜିଲ୍ଲାପାଳ, ନବରଙ୍ଗପୁର / ଉପଜିଲ୍ଲାପାଳ, ନବରଙ୍ଗପୁର / ତହସିଲଦାର, ନବରଙ୍ଗପୁର / ସଚିବ, ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ, ବ୍ରହ୍ମପୁର / ଅତିରିକ୍ତ ଶାସନ ସଚିବ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ଭୁବନେଶ୍ୱର / ନିର୍ବାହୀ ଯନ୍ତ୍ରୀ, ନବରଙ୍ଗପୁର (ରାସ୍ତା ଓ ଗୃହ) ବିଭାଜନ, ନବରଙ୍ଗପୁର / ୱର୍କ୍ସ ବିଭାଗ, ଭୁବନେଶ୍ବର / ନବକୃଷ୍ଣ ଚୌଧୁରୀ ସେଣ୍ଟର ଫର୍ ଡେଭେଲପମେଣ୍ଟ ଷ୍ଟଡିଜ, ଭୁବନେଶ୍ବର / ସେଣ୍ଟର ଫର୍ ଏଜୁକେଶନ ଏମ୍ପାୱର୍ମେଣ୍ଟ ଆଣ୍ଡ ରିହାବିଲିଟେସନ, ନୟାଗଡ଼ଙ୍କ ଅବଗତି ଓ ବିଧିକାର୍ଯ୍ୟ ନିମନ୍ତେ ପ୍ରେରଣ କରାଗଲା ।

ଭୂ-ଅର୍ଜନ ଅଧିକାରୀ, ନବରଙ୍ଗପୁର

ପରିପତ୍ର ସଂଖ୍ୟା: ୭୮ /୨୦୨୦ ତା ୨୨ .୦୬.୨୦୨୦ ରିଖ

ଏହାର ଏକକିତା ନକଲ ସହ ସାମାଜିକ ପ୍ରଭାବ ଆକଳନ ବିବରଣୀ ଜିଲ୍ଲା ସୂଚନା ଓ ପ୍ରଯୁକ୍ତି ଅଧିକାରୀ, ଜାତୀୟ ସୂଚନା ଓ ପ୍ରଯୁକ୍ତି କେନ୍ଦ୍ର, ନବରଙ୍ଗପୁରଙ୍କ ନିକଟକୁ ପ୍ରେରଣା କରାଯାଇ ଅନୁରୋଧ କରାଗଲାଯେ ଉକ୍ତ ବିଜ୍ଞାପନଟି ଜିଲ୍ଲାପାଳଙ୍କ ୱେବସାଇଟରେ ଯଥା ଶୀଘ୍ର ପ୍ରକାଶ କରିବେ ।

ଭୂ-ଅର୍ଜନ ଅଧିକାରୀ, ନବରଙ୍ଗପୁର

# ତା ୨୬.୦୬.୨୦୨୦ ରିଖ ପୂର୍ବାହ୍ନ ୧୧ ଘଟିକା ସମୟରେ ଆହ୍ୱାନ କରାଯାଇଥିବା ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞଦଳଙ୍କ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ବିବରଣୀ ଉପରେ ସୁଚିନ୍ତିତ ମୂଲ୍ୟାୟନ ଓ ସୁପାରିଶ ରିପୋର୍ଟ

(ନବରଙ୍ଗପୁର ଜିଲ୍ଲାର ନବରଙ୍ଗପୁର ତହସିଲର ୧ ଗୋଟି ଗ୍ରାମରେ ନବରଙ୍ଗପୁର-ରାଜୋଡା- କୋଷାଗୁମୁଡା ରାସ୍ତା ଉନ୍ନତି କରଣ ନିମନ୍ତେ ଜମି ଅଧିଗ୍ରହଣ ସମନ୍ଧେ)

## ବ୍ୟବଧାନିକ ବ୍ୟବସ୍ଥା :

ନବରଙ୍ଗପୁର-ରାଜୋଡା-କୋଷାଗୁମୁଡା ରାସ୍ତା ଉନ୍ନତିକରଣ ନିମନ୍ତେ ନବରଙ୍ଗପୁର ଜିଲ୍ଲାର ନବରଙ୍ଗପୁର ତହସିଲ ଅନ୍ତର୍ଗତ ଏକ ଗୋଟି ଗ୍ରାମରେ ଏ ୦.୭୪ କର ବ୍ୟକ୍ତିଗତ ମାଲିକାନା ଭୁକ୍ତ ଜମି ଅଧିଗ୍ରହଣ ନିମନ୍ତେ ଭୂ-ଅର୍ଜନ ଅଧିକାରୀଙ୍କ ଠାରୁ ପ୍ରସ୍ତାବ ପ୍ରାପ୍ତ ହେବା ପରେ ତତ ସମ୍ପର୍କୀୟ ଭୂମି ଅଧିଗ୍ରହଣ, ଥଇଥାନ ଏବଂ ପୁନଃବସତିରେ କ୍ଷତିପୂରଣ ଏବଂ ସ୍ୱଚ୍ଛତା ପ୍ରତି ଅଧିକାର ଆଇନ-୨୦୧୩ ର ଧାରା ୪ ଅନୁଯାଇ ଆବଶ୍ୟକ ହେଉଥିବା ସାମାଜିକ ପ୍ରଭାବ ଆକଳନ ଅନୁଧ୍ୟାନ କରିବା ପାଇଁ ନିମ୍ନମତେ ଅଧିସୂଚନା ସଂଖ୍ୟା ୩୫୩୭୭ ତା ୧୪.୧୧.୨୦୧୯ ରିଖରେ ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଦ୍ୱାରା ପ୍ରକାଶିତ ହୋଇଅଛି ।

| କ୍ର. ନଂ | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ରକବା (ଏକର) |
|---|---|---|---|---|
| ୦୧ | ନବରଙ୍ଗପୁର | ନବରଙ୍ଗପୁର | ସହରାଞ୍ଚଳ (ୱାର୍ଡ ନଂ ୧୬) | ୦.୭୪ |

## ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ :

ଓଡିଶା ସରକାରଙ୍କ ଅଧିସୂଚନା ମତେ ସାମାଜିକ ପ୍ରଭାବ ଆକଳନ ଅନୁଧ୍ୟାନ ଭାର ରାଜ୍ୟ ଏସ ଆଇ ଏ ୟୁନିଟ ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ର, ଭୁବନେଶ୍ୱରଙ୍କୁ ନ୍ୟସ୍ତ କରଯାଇଥିଲା । ତତପଶ୍ଚାତ ରାଜ୍ୟ ଏସ ଆଇ ଏ ୟୁନିଟ, ସେଣ୍ଟର ଫର ଏଜୁକେଶନ ଏମ୍ପାୱାରମେଣ୍ଟ ଆଣ୍ଡ ରିହାବିଲିଟେସନ ଆକ୍ସନ (CEERA), ନୟାଗଡ ଗବେଷଣା ସଂସ୍ଥାକୁ ଉକ୍ତ କାର୍ଯ୍ୟ ସମ୍ପାଦନ କରିବାର ଦାୟିତ୍ୱ ପ୍ରଦାନ କରିଥିଲେ ।

ଏହି ସର୍ବେକ୍ଷଣ ସଂସ୍ଥା ଆଇନର ଆବଶ୍ୟକତା ଅନୁସାରେ ସର୍ବେକ୍ଷଣ ମାଧ୍ୟମରେ ସର୍ଭେ କରି ପ୍ରକଳ୍ପର ପ୍ରଭାବିତ ପରିବାର, ପ୍ରକଳ୍ପ ପ୍ରଭାବିତ ଜନସଂଖ୍ୟା, ସାମାଜିକ ବିବରଣୀ, ପରିବାରର ସମ୍ପୂର୍ଣ ବିବରଣୀ, ଜୀବିକା ଆୟର ପନ୍ଥା, ପରିବାରର ମୋଟ ବ୍ୟୟ, ପରିବାରର ଆସବାବପତ୍ର, ପ୍ରଭାବିତ ହେବାକୁ

ଥିବା ଜମି, ବ୍ୟବସାୟିକ ବା ଆତ୍ମନିଯୁକ୍ତି ଭିତ୍ତିକ କାର୍ଯ୍ୟପନ୍ଥା ନିଯୁକ୍ତିର ପ୍ରଣାଳୀ ପ୍ରଭୃତି ସାକ୍ଷାତକାର ସୂଚୀର ଏକ ପୂର୍ଣାଙ୍ଗ ବିବରଣୀ ପ୍ରସ୍ତୁତ କରିଛନ୍ତି ।

ଉକ୍ତ ବିବରଣୀ ଆଧାରରେ ଆବଶ୍ୟକ ଅନୁଯାୟୀ ଏକ ସାମାଜିକ ପ୍ରଭାବ ପରିଚାଳନା (ଏସ୍.ଆଇ.ଏମ୍.ପି.) ମଧ୍ୟ ପ୍ରସ୍ତୁତ କରିଛନ୍ତି ।

## ଜନଶୁଣାଣି (ଧାରା – ୫)

ଭୂମି ଅଧିଗ୍ରହଣ, ଥଇଥାନ ଏବଂ ପୁନଃବସତିରେ କ୍ଷତିପୂରଣ ଏବଂ ସ୍ୱଚ୍ଛତା ପ୍ରତି ଅଧିକାର ଆଇନ-୨୦୧୩ ର ଧାରା ୪ ଅନୁଯାଇ ପ୍ରଭାବିତ ଅଞ୍ଚଳରେ ସ୍ଥାନ, ତାରିଖ ଓ ସମୟ ସଂକ୍ରାନ୍ତରେ ସର୍ବ ସାଧାରଣଙ୍କୁ ଯଥେଷ୍ଟ ପୂର୍ବରୁ ନୋଟିସ ଏବଂ ପ୍ରଚାର ମାଧମରେ ଜଣାଇ ଦିଆଯାଇଥିଲା ।

| ତାରିଖ | ସମୟ | ଗ୍ରାମ | ଜନଶୁଣାଣିର ସ୍ଥାନ |
|---|---|---|---|
| ୦୫.୦୨.୨୦୨୦ | ପୂର୍ବାହ୍ନ ଘ ୧୧.୩୦ ମି | ନବରଙ୍ଗପୁର ସହରାଞ୍ଚଳ (ୱାର୍ଡ ନଂ.୧୬) | ତ୍ରିନାଥ ମନ୍ଦିର ପ୍ରାଙ୍ଗଣ |

ଆୟୋଜିତ ଜନଶୁଣାଣି ଗୋଟିଏ ବୈଠକରେ ସମାପନ ହୋଇଥିଲା । ଉକ୍ତ ଜନଶୁଣାଣିର ବିଷଦ ବିବରଣୀ ଚୁଡାନ୍ତ ସର୍ବେକ୍ଷଣ ବିବରଣୀରେ ବର୍ଣନା ହୋଇଅଛି । ଜନଶୁଣାଣି ସମୟରେ କ୍ଷତି ଗ୍ରସ୍ତ ପରିବାର ଏବଂ ଗ୍ରାମବାସୀମାନେ ବହୁ ସଂଖ୍ୟାରେ ଯୋଗଦେଇ ପ୍ରଶ୍ନୋତ୍ତର ମାଧମରେ ନିଜ ନିଜର ସନ୍ଦେହ ମୋଚନ କରିଥିଲେ ଏବଂ ପ୍ରକଳ୍ପ ସପକ୍ଷରେ ବହୁମତ ବ୍ୟକ୍ତ କରିବା ସହ ନିଜର ଜମିକୁ ପ୍ରକଳ୍ପ ନିମନ୍ତେ ଦେବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ । ଜନଶୁଣାଣି ସମୟରେ ନିମ୍ନ ଲିଖିତ ସଦସ୍ୟ ଓ ବିଭାଗୀୟ ଅଧିକାରୀଗଣ ଉପସ୍ଥିତ ଥିଲେ ।

୧. ନିମାଇ ଚରଣ ସୁତାର(ଓ.ପ୍ର.ସେ.), ଅତିରିକ୍ତ ଜିଲ୍ଲାପାଳ, ନବରଙ୍ଗପୁର
୨. ଭାସ୍କର ରଉତ, (ଓ.ପ୍ର.ସେ.), ଉପ ଜିଲ୍ଲାପାଳ, ନବରଙ୍ଗପୁର
୩. ନିର୍ମଳ କୁମାର ନାୟକ, (ଓ.ପ୍ର.ସେ.), ଭୂ-ଅର୍ଜନ ଅଧିକାରୀ, ନବରଙ୍ଗପୁର
୪. କୃଷ୍ଣ ଚନ୍ଦ୍ର ଦାସ, (ଓ.ରା.ସେ.), ଅତିରିକ୍ତ ତହସିଲଦାର, ନବରଙ୍ଗପୁର
୫. ଜୟଦେବ ପ୍ରଧାନୀ, ଆର୍.ଆଇ, ନବରଙ୍ଗପୁର
୬. ସୁରେନ୍ଦ୍ର କୁମାର ପଣ୍ଡା, AE, ନବରଙ୍ଗପୁର(R&B) ଡିଭିଜନ SEC-I, ନବରଙ୍ଗପୁର
୭. ବିଶ୍ୱନାଥ ମାରାଣ୍ଡି, DEE, ନବରଙ୍ଗପୁର(R&B) ଡିଭିଜନ, ନବରଙ୍ଗପୁର
୮. ଭି. ଭବାନୀ ପ୍ରସାଦ, ଏସଆରଏ, ଭୂ-ଅର୍ଜନ କାର୍ଯ୍ୟାଳୟ, ନବରଙ୍ଗପୁର
୯. ପ୍ରଶାନ୍ତ କୁମାର ସାହୁ, ଚେୟାରମ୍ୟାନ, RDF(NGO)
୧୦. ଦିଲୀପ କୁମାର ପଣ୍ଡା, ସମ୍ପାଦକ, CEERA, ନୟାଗଡ଼
୧୧. ରାଜେନ୍ଦ୍ର ପ୍ରସାଦ ପାତ୍ର, CEERA, ନୟାଗଡ଼

୧୨. ଡମ୍ବୁ ଭତରା (ପ୍ରଭାବିତ ଜମି ମାଲିକ)

୧୩. ଅର୍ଜୁନ ଭତରା

୧୪. ତ୍ରିନାଥ ଭତରା

ପ୍ରଶାସନ ତରଫରୁ ଅତିରିକ୍ତ ଜିଲ୍ଲାପାଳ, ନବରଙ୍ଗପୁର ଜନଶୁଣାଣି ସଭାରେ ସଭାପତିତ୍ୱ କରିଥିଲେ । ସଭାପତି, ସଭାରେ ଅତିଥି ପରିଚୟ ପ୍ରଦାନ ସହ ପ୍ରକଳ୍ପ ବିଷୟରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ । ସଭାରେ ୧୮୯୪ ମସିହା ଜମି ଅଧିଗ୍ରହଣ ଆଇନ ଓ ନୂତନ ଭାବେ ପ୍ରଚିଳିତ ଭୂମି ଅଧିଗ୍ରହଣ, ଥଇଥାନ ଏବଂ ପୁନଃବସତିରେ କ୍ଷତିପୂରଣ ଏବଂ ସ୍ୱଚ୍ଛତା ପ୍ରତି ଅଧିକାର ଆଇନ-୨୦୧୩ ର ଏକ ତୁଳନାତ୍ମକ ବୈଶିଷ୍ଟ୍ୟ ରୂପରେଖ ବର୍ଣନା କରାଯାଇଥିଲା । ପ୍ରକଳ୍ପ ପ୍ରଭାବିତ ପରିବାର ଗୁଡିକୁ ନବରଙ୍ଗପୁର-ରାଢୋଡା-କୋଷାଗୁମୁଡା ରାସ୍ତା ଉନ୍ନତି କରଣ ନିମନ୍ତେ ଜମି ଅଧିଗ୍ରହଣ ବିଷୟରେ ସଚେତନ କରାଇବା ସହ ପ୍ରଭାବିତ ପରିବାର, ସମାଜ, ଗୋଷ୍ଠୀ ଏବଂ ସାମାଜିକ ସାଂସ୍କୃତିକ ପରିବେଶ ଉପରେ ଉଭୟ ସକାରାତ୍ମକ ଏବଂ ନକରାତ୍ମକ ପ୍ରଭାବ ବିଷୟରେ ସୂଚନା ଦେଇଥିଲେ ।

## ପ୍ରକାଶନ ଧାରା – ୬

ପ୍ରଭାବିତ ଗ୍ରାମର ଜନଶୁଣାଣୀ ପରେ ପ୍ରାପ୍ତ ହୋଇଥିବା ସମାଜିକ ପ୍ରଭାବ ଆକଳନ ଅଧ୍ୟୟନ ଏବଂ ସାମାଜିକ ପ୍ରଭାବ ପରିଚାଳନା ଯୋଜନା ବିବରଣୀକୁ ଆଇନର ଧାରା ୬ ମତେ ବିଧିବଦ୍ଧ ଭାବେ ପ୍ରକାଶନ କରାଯାଇଅଛି ।

## ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳଙ୍କ ଦ୍ୱାରା ଚୂଡାନ୍ତ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନର ମୂଲ୍ୟାୟନ ଓ ସୁପାରିଶ

ଭୂମି ଅଧିଗ୍ରହଣ, ଥଇଥାନ ଏବଂ ପୁନଃବସତିରେ କ୍ଷତିପୂରଣ ଏବଂ ସ୍ୱଚ୍ଛତା ପ୍ରତି ଅଧିକାର ଆଇନ-୨୦୧୩ ଧାରା ୭ ଉପଧାରା ୧ ଅନୁସାରେ ଗଠିତ ହୋଇଥିବା ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳଙ୍କ ଦ୍ୱାରା ପୂର୍ବୋକ୍ତ ପ୍ରକାରେ ପ୍ରକାଶନ ହୋଇଥିବା ସାମାଜିକ ପ୍ରଭାବ ନିର୍ଦ୍ଧାରଣ ଚୂଡାନ୍ତ ରିପୋର୍ଟକୁ ଅନୁଧ୍ୟାନ କରିବା ପରେ ଏହାର ମୂଲ୍ୟାୟନ କରାଯାଇ ସରକାରଙ୍କୁ ଜଣାଇବାର ବ୍ୟବସ୍ଥା ରହିଅଛି ।

ନିମ୍ନଲିଖିତ ବ୍ୟକ୍ତି ବିଶେଷମାନଙ୍କୁ ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳର ସଭ୍ୟ / ସଭ୍ୟା ଭାବେ ମନୋନୀତ କରାଯାଇଛି ।

୧. ଶ୍ରୀ ସୁବାଶିସ ମାନସିଙ୍ଗ(ଓ.ପ୍ର.ସେ.), ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), ନବରଙ୍ଗପୁର

୨. ଇଂ. ମହମ୍ମଦ ଶକୁର, ଅବସରପ୍ରାପ୍ତ ମୁଖ୍ୟ ଯନ୍ତ୍ରୀ

୩. ଡାଃ ବିଜୟ କୁମାର ମିଶ୍ର, ଅବସରପ୍ରାପ୍ତ ଆସୋଶିୟେଟ ପ୍ରଫେସର

୪. ଶ୍ରୀ ଶ୍ରୀକାନ୍ତ ମହାନ୍ତି, ନିର୍ଦ୍ଦେଶକ-ତଥା-ସମାଜ ବିଜ୍ଞାନୀ, ସେଣ୍ଟର ଫର ଗୁଡ ଲିଭିଂ, ନବରଙ୍ଗପୁର

୫. ଶ୍ରୀମତୀ ସୁଲେଖା ସୁନା, ସଭାନେତ୍ରୀ-ତଥା-ସମାଜ ବିଜ୍ଞାନୀ, NISTHA, ନବରଙ୍ଗପୁର

୬. ନିର୍ବାହୀ ଯନ୍ତ୍ରୀ, ନବରଙ୍ଗପୁର (ରାସ୍ତା ଓ ଗୃହ) ବିଭାଜନ, ନବରଙ୍ଗପୁର

୭. ଚେୟାରମ୍ୟାନ, ପଞ୍ଚାୟତ ସମିତି, ନବରଙ୍ଗପୁର

୮. କାର୍ଯ୍ୟନିର୍ବାହୀ ଅଧିକାରୀ, ପୌରପାଳିକା, ନବରଙ୍ଗପୁର

୯. ନିର୍ମଳ କୁମାର ନାୟକ, (ଓ.ପ୍ର.ସେ.), ଭୂ-ଅର୍ଜନ ଅଧିକାରୀ, ନବରଙ୍ଗପୁର

## ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନର ମୂଲ୍ୟାୟନ ନିମନ୍ତେ ସମୀକ୍ଷା ବୈଠକ

ଆଇନର ଧାରା ୭ ଉପଧାରା ୧ ଅନୁସାରେ ପ୍ରକାଶନ ହୋଇଥିବା ଚୁଡାନ୍ତ ସାମାଜିକ ପ୍ରଭାବ ନିର୍ଦ୍ଧାରଣର ମୂଲ୍ୟାୟନ ତଥା ସୁପାରିଶ ନିମନ୍ତେ ଗଠିତ ହୋଇଥିବା ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳଙ୍କ ଏକ ବୈଠକ ଆହ୍ୱାନ କରଯାଇଥିଲା । ଉକ୍ତ ବୈଠକ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ମତେ ତା ୨୬.୦୬.୨୦୨୦ରିଖ ପୂର୍ବାହ୍ନ ୧୧ ଘଟିକା ସମୟରେ ଅଶୋକମେହେଟ୍ଟା ସଭା ଗୃହ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ନବରଙ୍ଗପୁରରେ ଅନୁଷ୍ଠିତ ହୋଇଥିଲା ।

## ସାମାଜିକ ପ୍ରଭାବ ଆକଳନର ବିସ୍ତୃତ ମୂଲ୍ୟାୟନ

ପ୍ରାପ୍ତ ହୋଇଥିବା ସାମାଜିକ ପ୍ରଭାବ ଆକଳନ ବିବରଣୀକୁ ଅନୁଧ୍ୟାନ କରି ଉପସ୍ଥିତ ବିଶେଷଜ୍ଞ ଦଳ ସନ୍ତୋଷ ପ୍ରକାଶ କରିଥିଲେ । ନବରଙ୍ଗପୁର-ରାଜୋଡା-କୋଷାଗୁମୁଡା ରାସ୍ତା ଉନ୍ନତିକରଣ ପ୍ରକ୍ରିୟାଟିକୁ ଜମି ଅଧିଗ୍ରହଣରେ ପ୍ରତିକୂଳ ପ୍ରଭାବକୁ କମାଇବାକୁ ଯଥେଷ୍ଟ ପ୍ରଚେଷ୍ଟା କରାଯାଇଥିବା ବିଶେଷଜ୍ଞ ଦଳ ହୃଦବୋଧ କରିଥିଲେ । ଏହି ପରିପ୍ରେକ୍ଷୀରେ ଯେପରି କୌଣସି ପରିବାର ବିସ୍ଥାପିତ ହେବେ ନାହିଁ ସେଥିପ୍ରତି ଯଥେଷ୍ଟ ପଦକ୍ଷେପ ନିଆଯାଇଅଛି । ପୁନଶ୍ଚ, ସର୍ବ ନିମ୍ନ ପରିମାଣର ବ୍ୟକ୍ତିଗତ ମାଲିକାନା ଜମିକୁ ଅଧିଗ୍ରହଣ କରି ନବରଙ୍ଗପୁର-ରାଜୋଡା-କୋଷାଗୁମୁଡା ରାସ୍ତା ଉନ୍ନତିକରଣ କରିବା ପାଇଁ ଉପଯୁକ୍ତ ପଦକ୍ଷେପ ନିଆଯାଇଅଛି ।

ନବରଙ୍ଗପୁର ପୌରପାଳିକା ୱାର୍ଡ ନଂ ୧୬ ରେ ଅବସ୍ଥିତ କ୍ଷତିଗ୍ରସ୍ତ ପରିବାର ଶ୍ରୀ ଡମ୍ବୁ ଭତରାଙ୍କର ଏ ୦.୭୪ କର ଜମି ରାସ୍ତାର ଉନ୍ନତିକରଣ ନିମନ୍ତେ କ୍ଷତିଗ୍ରସ୍ତ ହେଉଥିବାରୁ ସଭାରେ ଉତ୍ଥାପନ ହୋଇଥିଲା । ଯଦିଓ ଏହା କମ ଜମି ତେବେ ପୌରପାଳିକା ଅଧୀନରେ ଥିବାରୁ ଏହାର ଗୁରୁତ୍ୱ ଅଧିକ, ଏଣୁ କ୍ଷତିଗ୍ରସ୍ତ ପରିବାରକୁ ଜମିର ଉପଯୁକ୍ତ ମୂଲ୍ୟ ସରକାରଙ୍କ ପ୍ରଚଳିତ ନୂତନ ଭୂମି ଅଧିଗ୍ରହଣ ଆଇନ ଅନୁଯାୟୀ ଦିଆଯାଉବୋଲି ବିଶେଷଜ୍ଞ ଦଳ ପ୍ରକାଶ କରିଥିଲେ ।

ପରିଶେଷରେ ବିଶେଷଜ୍ଞ ଦଳ ସାମାଜିକ ଆକଳନ ବିବରଣୀକୁ ପ୍ରାଞ୍ଜଳ ଭାବେ ଅନୁଧ୍ୟାନ କରି ଏହା ଏକ ଉତ୍କୃଷ୍ଟ ଏବଂ ଉପଯୁକ୍ତ ବିବରଣୀ ପ୍ରସ୍ତୁତ ହୋଇଥିବା ହୃଦବୋଧ କରିଥିଲେ ।

ନବରଙ୍ଗପୁର-ରାଜୋଡା-କୋଷାଗୁମୁଡା ରାସ୍ତା ଉନ୍ନତିକରଣ ସମ୍ପୂର୍ଣ୍ଣ ହେଲେ ନବରଙ୍ଗପୁର ଜିଲ୍ଲାବାସୀ ଓ ତତସହିତ ସମଗ୍ର ରାଜ୍ୟର ଗମନାଗମନ ଓ ବାଣିଜ୍ୟିକ କାରବାର ନିମନ୍ତେ ବିଶେଷ ଉପକୃତ ହେବ ବୋଲି ମତବ୍ୟକ୍ତ କରିଛନ୍ତି ।

ନୂତନ ଆଇନ ଅନୁସାରେ ଭୂମି ଅଧିଗ୍ରହଣ, ଥଇଥାନ ଏବଂ ପୁନଃବସତିରେ କ୍ଷତିପୂରଣ ଏବଂ ସ୍ୱଚ୍ଛତା ପ୍ରତି ଅଧିକାର ଆଇନ-୨୦୧୩ ବ୍ୟବସ୍ଥାକୁ ବିସ୍ତୃତଭାବେ ପର୍ଯ୍ୟାଲୋଚନା କରିବା ପରେ ପ୍ରସ୍ତୁତ ହୋଇଥିବା ସାମାଜିକ ପ୍ରଭାବ ଆକଳନ ସର୍ବେକ୍ଷଣ ରିପୋର୍ଟକୁ ସୁପାରିଶ କରି ସରକାରଙ୍କ ନିକଟକୁ ପ୍ରେରଣ କରିବା ପାଇଁ ସର୍ବସମ୍ମତିକ୍ରମେ ନିଷ୍ପତି ନିଆଗଲା । ନବରଙ୍ଗପୁର-ରାଜୋଡା-କୋଷାଗୁମୁଡା ରାସ୍ତା ଉନ୍ନତିକରଣ ଦ୍ୱାରା ହେଉଥିବା କ୍ଷୟକ୍ଷତି ଅପେକ୍ଷା ସମଗ୍ର ଅଞ୍ଚଳର ଉନ୍ନତିରେ ଅଧିକ ସହାୟକ ହେବ ବୋଲି ବିଶେଷଜ୍ଞ ଦଳ ହୃଦବୋଧ କରିଥିଲେ ।

ଅଧ୍ୟକ୍ଷ

ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳ

## ସ୍ୱତନ୍ତ୍ର ବହୁଦର୍ଶୀ ବେଶେଷଜ୍ଞ ଦଳ ଉପସ୍ଥାନ ବିବରଣୀ

| କ୍ର. ନଂ. | ନାମ | ପଦବୀ | ସ୍ୱାକ୍ଷର |
|---|---|---|---|
| ୧ | ଶ୍ରୀ ଶୁବାଶିଷ ମାନସିଙ୍ଗ (ଓ.ପ୍ର.ସେ.) | ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), ନବରଙ୍ଗପୁର | [signature] ୨୬/୬/୨୦୨୦ |
| ୨ | ଇଂ. ମହମ୍ମଦ ଶକୁର | ଅବସରପ୍ରାପ୍ତ ମୁଖ୍ୟ ଯନ୍ତ୍ରୀ | ମହମ୍ମଦ୍ ଶାକୁର 26/6/2020 |
| ୩ | ଡାଃ ବିଜୟ କୁମାର ମିଶ୍ର | ଅବସରପ୍ରାପ୍ତ ଆସୋଶିୟେଟ ପ୍ରୋଫେସର | [signature] ୨୬.୬.୨୦୨୦ |
| ୪ | ଶ୍ରୀ ଶ୍ରୀକାନ୍ତ ମହାନ୍ତି | ନିର୍ଦ୍ଦେଶକ-ତଥା-ସମାଜ ବିଜ୍ଞାନୀ, ସେଣ୍ଟର ଫର ଗୁଡ ଲିଭିଂ, ନବରଙ୍ଗପୁର | S. Mohanty 26.6.20 |
| ୫ | ଶ୍ରୀମତୀ ସୁଲେଖା ସୁନା | ସଭାନେତ୍ରୀ-ତଥା-ସମାଜ ବିଜ୍ଞାନୀ, NISTHA, ନବରଙ୍ଗପୁର | Sulekha 26/6/2020 |
| ୬ | ଇଂ. ପ୍ରଫୁଲ୍ଲ କୁମାର ମିଶ୍ର | ନିର୍ବାହୀ ଯନ୍ତ୍ରୀ, ନବରଙ୍ଗପୁର (ରାସ୍ତା ଓ ଗୃହ) ବିଭାଜନ, ନବରଙ୍ଗପୁର | ପ୍ରଫୁଲ୍ଲ କୁମାର ମିଶ୍ର |
| ୭ | ଶ୍ରୀମତୀ ହୀରମଣି ପୂଜାରୀ | ଚେୟାରମ୍ୟାନ, ପଞ୍ଚାୟତ ସମିତି, ନବରଙ୍ଗପୁର | Hiramani Pujari |
| ୮ | ବିନୟ ପଟେଲ(ଓ.ସ୍ତା.ସେ.) | କାର୍ଯ୍ୟନିର୍ବାହୀ ଅଧିକାରୀ, ପୌରପାଳିକା, ନବରଙ୍ଗପୁର | ବିନୟ କୁମାର ପଟେଲ ୨୬.୬.୨୦୨୦ |
| ୯ | ଶ୍ରୀ ନିର୍ମଳ କୁମାର ନାୟକ | ଭୂ-ଅର୍ଜନ ଅଧିକାରୀ, ନବରଙ୍ଗପୁର | [signature] |
| ୧୦ | ଦିଲ୍ଲିପ କୁମାର ପଣ୍ଡା | CEERA, NAYAGARH | Dilip 26.6.20 |